# ପିଲାଙ୍କ ଧରିତ୍ରୀ



ଶନିବାର ,୧ ଏପ୍ରିଲ, ୨୦୨୩





# ଖିଲି ଖିଲି ହସ

ଶିକ୍ଷକ: ଧରିନିଅ, ମୁଁ ତୁମକୁ ୧୦୦ଟଙ୍କା ଦେଲି। ସେଥିରୁ ୨୦ ଟଙ୍କା ଖର୍ଚ୍ଚ କରିଦେଲ, ତୁମ ପାଖରେ ଆଉ କେତେ ଟଙ୍କା ରହିଲା ?
ଛାତ୍ର: ସାର୍, ଏମିତିରେ କିଭଳି ମାନିନେବି ଯେ ଆପଣ ମୋତେ ଟଙ୍କା ଦେଇଥିଲେ ବୋଲି। ପ୍ରଥମେ ମୋତେ ୧୦୦ ଟଙ୍କା ଦିଅନ୍ତୁ, ବାକି ସବୁ ହିସାବ ମିଶିକି ଦୁଇଜଣ କରିବା।

ସୋନି– ମୋନି, ତୋ' ଘଣ୍ଟା ଦେଖି କହିଲୁ କେତେ ସମୟ ହେଲାଣି ?
ମୋନି– ଚାରିଟା ହୋଇଛି।
(ଦଶ ମିନିଟ୍ ପରେ) ସୋନି– ଏବେ ସମୟ କେତେ ହୋଇଛି
ମୋନି – ମୋ ଘଣ୍ଟାରେ ୪ଟା ୧୦ ହୋଇଛି।
ସୋନି– ମୁଁ ଜାଣିଛି କିଛିନା କିଛି ଭୁଲ୍ ହୋଇଛି ତୋ ଘଣ୍ଟାରେ, କାରଣ ଯେତେବେଳେ ତୋତେ ସମୟ କଥା ପଚାରିଛି ତୁ ଅଲଗା ଅଲଗା ସମୟ ମୋତେ ଶୁଣାଉଛୁ।

ରୀନା: ଟିନା କହିଲୁ, 'ଏଠାକୁ ଆସ'କୁ ଆମେ ଇଂଲିଶ୍‌ରେ କ'ଣ କହିବା ?
ଟିନା: କମ୍ ହିୟର।
ରୀନା : ତେବେ 'ସେଠାକୁ ଯାଅ'କୁ ଇଂଲିଶ୍‌ରେ କ'ଣ କୁହାଯିବ ?
ଟିନା–ବହୁତ ସହଜ, ପ୍ରଥମେ ସେ ସ୍ଥାନକୁ ଯାଇ ସେଠାରେ କହିବ କମ୍ ହିୟର।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଗପ

# ଏକତା ହିଁ ବଳ



ବହୁତ ଦିନ ଧରି ଶାସନ ଗାଦିରେ ରହିବାରୁ ଜଙ୍ଗଲର ରାଜା ସିଂହର ଗର୍ବ ଅହଙ୍କାର ବଢିଗଲା। ବଳ ପ୍ରୟୋଗ କରି ଜଙ୍ଗଲର ସବୁ ପ୍ରାଣୀଙ୍କୁ ହଇରାଣ କରିବାରେ ଲାଗିଲା। ତେଣୁ ଦିନକୁ ଦିନ ତାର କ୍ରୂରତା ବଢ଼ିବାରେ ଲାଗିଲା।

ଥରେ ସିଂହ କହିଲା, ଜଙ୍ଗଲରେ ଥିବା ସମସ୍ତ ପ୍ରାଣୀକୁ ଭୋଜନ କରିବ। ରାଜାଙ୍କ ଆଜ୍ଞାରେ ମନ୍ତ୍ରୀ କୋକିଶିଆଳି, ଚିଠା ଅନୁଯାୟୀ ପ୍ରତିଦିନ ନୂଆ ନୂଆ ପ୍ରାଣୀ ଯୋଗାଇ ଦେଲା। ରାଜା ଖାଇ ସାରିବା ପରେ ଯାହା ବଳେ ସବୁ କୋକିଶିଆଳି ଖାଏ। ସିଂହର ଏପରି ଗୁଣ ଦେଖି, ଜଙ୍ଗଲ ସାରା ପ୍ରାଣୀ ଡରିବାକୁ ଲାଗିଲେ। ସଭିଙ୍କ ମନରେ ଚିନ୍ତା ଘାରିଲା କି କାହା ପାଳି କେବେ ଆସିଯିବ। ରାଜାଙ୍କୁ ଭୟ କରି କେହି ମୁହଁ ଖୋଲିଲେ ନାହିଁ। ବିଲୁଆ ଥରେ ଗୁପ୍ତ ଭାବରେ ସଭା ଡାକିଲା। ସେଥିରେ ଜଙ୍ଗଲର ସବୁ ପ୍ରାଣୀ ଉପସ୍ଥିତ ରହିଲେ। ବିଲୁଆ କହିଲା, ଆମ ଭିତରେ ଏକତା ରହିଲେ ସେ ଆମଠୁ ବଳି ଯିବନି। ସେଥିପାଇଁ ପରା କଥାରେ ଅଛି ଏକତା ହିଁ ବଳ। ଏକାଠି ହୋଇ ଲଢ଼ିବା, ଆମ ହକ୍ ଆମେ ଛଡ଼ାଇ ଆଣିବା।

ଯୋଜନା ମୁତାବକ ବିଲୁଆକୁ ଯେତେବେଳେ ସିଂହ ଖାଇବା ପାଇଁ ପ୍ରସ୍ତୁତ ହେଲା ବିଲୁଆ ଚାଲାକି ଦେଖାଇ କହିଲା, ମହାରାଜ ଆପଣ ମତେ ଖାଆନ୍ତୁ ମନ ଦୁଃଖ ନାହିଁ। କିନ୍ତୁ ''ମଣିମା ଆପଣ ପ୍ରବଳ ପ୍ରତାପୀ, ପ୍ରବଳ ବଳଶାଳୀ। କିନ୍ତୁ ମୋର ସନ୍ଦେହ ହେଉଛି ଯେ, ସତରେ କ'ଣ ଏ ଜଙ୍ଗଲର ପ୍ରାଣୀମାନେ ଆପଣଙ୍କୁ ରାଜା ବୋଲି ମାନୁଛନ୍ତି ।'' କୋକିଶିଆଳି କହିଲା, '' ହଇରେ ମୂର୍ଖ ବିଲୁଆ ତୋର ଏଡେ ସାହସ ! ତୁ ରାଜାଙ୍କ ଉପରେ ସନ୍ଦେହ କରୁଛୁ।'' ବିଲୁଆ କହିଲା, ''ଯଦି ସାହସ ଅଛି ପୁଣି ଥରେ ନିର୍ବାଚନ ହେଉ। ନିର୍ବାଚନରେ ଯିଏ ଜିତିବ ସିଏ ପ୍ରକୃତରେ ରାଜା ହେବା ପାଇଁ ଯୋଗ୍ୟ।''

ସିଂହ ଆଉ ବିଲୁଆ ଭିତରେ ପ୍ରତିଦ୍ୱନ୍ଦ୍ୱିତା ହେଲା। ଆଗରୁ ହୋଇଥିବା ଯୋଜନା ମୁତାବକ ବାନର ସେନା ଆଉ ବିଲୁଆ କାମ କରି ଚାଲିଲେ। ଜଙ୍ଗଲର ସମସ୍ତ ପ୍ରାଣୀ ବିଲୁଆକୁ ଭୋଟ ଦେଇ ଜୟଯୁକ୍ତ କରିବା ସହ ଅହଙ୍କାରୀ ରାଜା ଆଉ ତାଙ୍କ ମନ୍ତ୍ରୀକୁ ରାଜ୍ୟ ବାହାରକୁ ବିଦା କରିଦେଲେ। ବାନର ସେନାର ମୁଖିଆ କହିଲେ, ''ଠିକ୍ କହିଥିଲ ବିଲୁଆ। ଏକତା ଥିଲେ ସବୁ କିଛି ସମ୍ଭବ। ରାଜାଙ୍କ ଅହଙ୍କାର ହିଁ ତାଙ୍କ ପତନ ପାଇଁ ଦାୟୀ।

**–ଅର୍ଜ୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ଓଡ଼ିଆ ମୋ ପରିଚୟ




ଆଜି ଏପ୍ରିଲ ଏକ। ଓଡ଼ିଶା ଦିବସ। ୧୯୩୬ ମସିହା ଆଜିର ଦିନରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ ରାୟ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଅକ୍ଲାନ୍ତ ଉଦ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମ। ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟ ପ୍ରମୁଖଙ୍କ ଅବଦାନ ବି ଅବିସ୍ମରଣୀୟ। ମାତ୍ର ସେମାନେ ଦେଖିପାରି ନ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ସେମାନଙ୍କର ସ୍ୱପ୍ନ କିନ୍ତୁ ପରବର୍ତ୍ତୀ ସମୟରେ ସାକାର ରୂପ ନେଇଥିଲା।

ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପରେ ପ୍ରଥମେ ଛଅଟି ଜିଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ ହୋଇଥିଲା। ଏବେ ଆମ ରାଜ୍ୟରେ ୩୦ଟି ଜିଲା ରହିଛି। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଉଡ୍ର, ଉତ୍କଳ ଅବା କଳିଙ୍ଗ ପ୍ରଦେଶ ହେଉଛି ବୀର ପ୍ରସବିନୀ ଓଡ଼ିଶା ଏବଂ ଜଗନ୍ନାଥଙ୍କ ପାଇଁ ତା'ର ସ୍ୱତନ୍ତ୍ର ପରିଚୟ।

ଏ ମାଟିର କାରିଗର ରୁକ୍ଷ ପଥର ଉପରେ ନିହଣ ମୁନ ସାହାଯ୍ୟରେ ଖୋଦିପାରେ କୋଣାର୍କ। ଏଠି ବାଉଁଶ ନଳିରେ ପଠାଣି ସାମନ୍ତ ଆକାଶର ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ଗତିବିଧି ସମ୍ପର୍କରେ ସିଦ୍ଧାନ୍ତ ଦର୍ପଣ ରଚନା କରିଗଲେ। ହସ୍ତଶିଳ୍ପ କ୍ଷେତ୍ରରେ ବି ଆମ ରାଜ୍ୟର ସ୍ୱତନ୍ତ୍ରତା ରହିଛି। ଭାଇଚାରାର ସ୍ପଷ୍ଟ ନିଦର୍ଶନ ହେଉଛି ଉତ୍କଳ।

ପରମ ପୂଜ୍ୟ ପ୍ରାତଃ ସ୍ମରଣୀୟ ଓଡ଼ିଶା ମାତାର ସୁଗୁଣ ସବୁଠାରେ ପହଞ୍ଚାଇବାର ଅନନ୍ୟ ଭୂମିକା ନିଭେଇ ଥିଲେ ଅନେକ କବି ଓ ସାହିତ୍ୟିକ। ସେହିଭଳି ଦେଶ ମାତୃକାର ବନ୍ଦନା କରିଥିଲେ ସ୍ୱର୍ଗତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ତାଙ୍କର 'ବନ୍ଦେ ଉତ୍କଳ ଜନନୀ' କବିତା ଚାରିଆଡ଼େ ଖୁସିର ଲହରି ଖେଳାଇ ଦେଇଥିଲା। ଏବେ ଏହି ସଙ୍ଗୀତ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଛି। ଓଡ଼ିଶା ପାଇଁ ଏହା ଏକ ସ୍ମରଣୀୟ ଦିବସ। ଏ ମାଟି ପାଣି ପବନ, ପ୍ରକୃତି, ଏ ବନ ଉପବନ ସଦା ଚିର ସୁନ୍ଦର ଏଇ ମୋର ଉତ୍କଳ ଜନନୀ। ତାହାରି କୋଳରେ ଜନ୍ମ ନେଇ ମୁଁ ଆଜି ଗର୍ବିତ।

**– ଲଳିତ ମୋହନ ମିଶ୍ର**
ନୟାଗଡ଼, ମୋ: ୯୪୩୭୯୮୫୮୬୬

# ମତାମତ

❖ ପ୍ରଚ୍ଛଦ ପ୍ରସଙ୍ଗ 'ସଞ୍ଚୟ' ପଢ଼ି ପିଲାମାନେ ଏବେଠାରୁ ସଞ୍ଚୟ କରିବାର ମହତ୍ତ୍ୱ ଶିଖିଲେଣି ଜାଣି ଖୁସି ଲାଗୁଛି ।
– **ରଶ୍ମିତା ବଳ**, ଲିଙ୍କ୍ ରୋଡ୍, କଟକ

❖ ଜଣା ଅଜଣା ସ୍ତମ୍ଭରୁ 'ବରଫ ପଡୁଥିବା ମରୁଭୂମି' ବିଷୟରେ କିଛି ରୋଚକ କଥା ଜାଣିବାକୁ ପାଇଲି।
– **ଦୀପିକା ରଥ**, ଛେଣ୍ଡ, ରାଉରକେଲା

❖ 'ଆଇନା' ସ୍ତମ୍ଭରେ ଦୁଇ ଝିଅଙ୍କ ଫଟୋ ସୁନ୍ଦର ହୋଇଛି।
– **ମହେଶ୍ୱର ସାମଲ**, ମଣ୍ଡା ସାହି, ଜଗତ୍‌ସିଂହପୁର

## ରଙ୍ଗ ଦିଅ











ସ୍କୁଲ ପାଠ୍ୟକ୍ରମର ହେଉ କି ସ୍କୁଲରେ ହେଉଥିବା ବକ୍ତୃତା ଏବଂ ଏସେ ପ୍ରତିଯୋଗିତାରେ ଇଂଲିଶରେ ଲେଖିବା, ପଢ଼ିବା ଏବଂ କହିବା ଦରକାର ପଡ଼ିଥାଏ। ଇଂଲିଶକୁ ଗ୍ଲୋବାଲ ଲାଙ୍ଗୁଏଜ୍ କୁହାଯାଏ। ଏହା କେବଳ ସ୍କୁଲ ପାଠ୍ୟକ୍ରମ ମଧ୍ୟରେ ସୀମିତ ନୁହେଁ, ଭବିଷ୍ୟତରେ ବିଭିନ୍ନ କମ୍ପିଟେଟିଭ୍ ଏବଂ ଚାକିରି କ୍ଷେତ୍ରରେ ସାହାଯ୍ୟ କରିଥାଏ।

# ପିଲାଙ୍କ ପାଇଁ ଇଂଲିଶ

ଗଣିତ, ସାହିତ୍ୟ, ବିଜ୍ଞାନ ଇତ୍ୟାଦି ପରି ଇଂଲିଶ ମଧ୍ୟ ସ୍କୁଲ ପାଠ୍ୟକ୍ରମରେ ରହିଛି। ଇଂଲିଶ ଶିଖିବା ଆରମ୍ଭରେ ଅକ୍ଷର,ଶବ୍ଦ,ବାକ୍ୟ ଉପରେ ଗୁରୁତ୍ୱ ଦିଆଯାଏ। ଏହା ପରେ ଧୀରେ ଧୀରେ ପାରାଗ୍ରାଫ୍ ଏବଂ ଷ୍ଟୋରି ଲେଖିବା ଆରମ୍ଭ ହୁଏ। ଅନେକ ସ୍କୁଲରେ ଶିକ୍ଷକ ଇଂଲିଶ ଶିକ୍ଷାଦାନ କରିବା ସହ ପିଲାଙ୍କ ଭାଷାଜ୍ଞାନ ବଢ଼ାଇବା ପାଇଁ ଇଂଲିଶରେ କଥାବାର୍ତ୍ତା ହୋଇଥାନ୍ତି। ଇଂଲିଶ କହିବା ଏବଂ ଲେଖିବା ଅଭ୍ୟାସ ରହିବା ଦ୍ୱାରା ପିଲାଏ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି। ଇଂଲିଶ ଭାଷା କେବଳ ଆମ ଦେଶରେ ନୁହେଁ ବିଦେଶରେ ଲୋକମାନଙ୍କ ସହ ଯୋଗାଯୋଗ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଇଂଲିଶ ଶିକ୍ଷା ଏବେର ପାଠପଢ଼ା ସହ ଭବିଷ୍ୟତରେ ଜୀବନଶୈଳୀକୁ ବି ଉନ୍ନତ କରିଥାଏ। ପିଲାଏ ଏବେଠାରୁ ଇଂଲିଶରେ ଦକ୍ଷତା ବଢ଼ାଇବା ଦ୍ୱାରା ସେମାନଙ୍କର କମ୍ୟୁନିକେଶନ ସ୍କିଲ୍ ବଢ଼ିବା ସହ ନିଜ ଉପରେ ଆତ୍ମବିଶ୍ୱାସ ବଢ଼ିଥାଏ। ତେବେ ପିଲାଏ ସେମାନଙ୍କର ଇଂଲିଶ ଦକ୍ଷତା ବଢ଼େଇବା ପାଇଁ କ'ଣ କରୁଛନ୍ତି ଜାଣନ୍ତୁ ସେ ସମ୍ପର୍କରେ...

## ଇଂଲିଶରେ ବକ୍ତୃତା ଦିଏ



ସ୍କୁଲ ହେଉ କି କୌଣସି କାର୍ଯ୍ୟକ୍ରମରେ ମୁଁ ଇଂଲିଶରେ ବକ୍ତୃତା ଦେବା ସହ ଲେଖିବାକୁ ପସନ୍ଦକରେ। ବକ୍ତୃତା ପୂର୍ବରୁ କ'ଣ କହିବି ଏବଂ ଏସେ କାର୍ଯ୍ୟକ୍ରମରେ କ'ଣ ଲେଖିବି ପ୍ରଥମେ ଘରେ ଅଭ୍ୟାସ କରିଥାଏ। ଏହାଦ୍ୱାରା ମୋର ଇଂଲିଶ ରାଇଟିଂ ସ୍କିଲ୍ ବଢ଼ିବା ସହ ବନାନଗତ ତ୍ରୁଟି ସୁଧୁରେ। ଆଉ ନୂଆ ନୂଆ ଶବ୍ଦ ଜାଣିପାରେ। ସ୍କୁଲରେ ଶିକ୍ଷକ ଓ ସାଙ୍ଗମାନଙ୍କ ସହ ଇଂଲିଶରେ କଥାବାର୍ତ୍ତା କରିଥାଏ।

**–ଇପ୍ସିତା ମହାନ୍ତି,** କ୍ଲାସ୍–୧୦, ପଞ୍ଚାୟତ ହାଇସ୍କୁଲ, ଛାନମେରି, ଗଞ୍ଜାମ

## ଇଂଲିଶ ଖବରକାଗଜ ପଢୁଛି



ଇଂଲିଶ ସ୍କିଲ୍ ବଢ଼େଇବା ପାଇଁ ମୁଁ ପ୍ରତିଦିନ ଇଂଲିଶ ଖବରକାଗଜ ପଢୁଛି। ଦି ହିନ୍ଦୁ ଖବରକାଗଜ ପଢ଼ିବା ବେଳେ ବଡ଼ ପାଟିରେ ପ୍ରତିଟି ବାକ୍ୟକୁ ପଢ଼େ। ଯେକୌଣସି ଶବ୍ଦ ବୁଝି ନ ପାରିଲେ ସେ ସବୁକୁ ହାଇଲାଇଟ୍ କରି ରଖୁଛି। ପରେ ଡିକ୍ସିନାରିରୁ ଖୋଜି ଶବ୍ଦଟିର ଅର୍ଥ ମନେରଖୁଛି। ଏଥିସହ ପ୍ରତିଦିନ ହିନ୍ଦୀ ଓ ଇଂଲିଶ ନ୍ୟୁଜ୍ ମଧ୍ୟ ଦେଖୁଛି।

**–ରାକେଶ ମହାନ୍ତି,** କ୍ଲାସ୍–୯, ଏସ୍‌ଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ବଲ୍‌ହାରପୁର, ବାଲେଶ୍ୱର

## ଇଂଲିଶ ନ୍ୟୁଜ୍ ପଢେ



ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଇଂଲିଶ ଶବ୍ଦ ୱାର୍ଡବୁକ୍ ନଚେତ୍ ଡିକ୍ସିନାରିରେ ଖୋଜିଥାଏ। ବେଳେବେଳେ ସ୍କୁଲ ଶିକ୍ଷକଙ୍କୁ ପଚାରି ଖାତାରେ ଟିପି ରଖେ। କଥାବାର୍ତ୍ତା ହେବା ସମୟରେ ସେହି ଜିନିଷଗୁଡ଼ିକୁ ଇଂଲିଶରେ କହି ବ୍ୟବହାର କରେ। ଏହାଦ୍ୱାରା ମୋର ଇଂଲିଶରେ ଶବ୍ଦଜ୍ଞାନ ବଢୁଛି। ମୋର ଶ୍ରେଣୀ ଶିକ୍ଷକ ଇଂଲିଶ ନ୍ୟୁଜ୍, ଫିଲ୍ମ ଇତ୍ୟାଦି ଦେଖିବାକୁ ପରାମର୍ଶ ଦେଇଛନ୍ତି। କିଛିଟା ଶବ୍ଦ ବୁଝି ନ ପାରିଲେ ମଧ୍ୟ ନିୟମିତ ଭାବେ ଦିନକୁ ୧ଘଣ୍ଟା ସମୟ ବାହାରକରି ସେସବୁ ଦେଖୁଛି।

**–ଧୃତିକାନ୍ତ ବାରିକ,** କ୍ଲାସ୍–୧୦, ଡିଏଭି ପବ୍ଲିକ୍ ସ୍କୁଲ, ଆଇଟିପିସି, ବନହରପାଲି, ଝାରସୁଗୁଡ଼ା


## ବଢାଏ ପିଲାଙ୍କ ଆତ୍ମବିଶ୍ୱାସ




ସ୍କୁଲ ସମୟରେ ପିଲାମାନଙ୍କୁ ଇଂଲିଶ ଭାଷା ଶିକ୍ଷା କରିବାର ଆବଶ୍ୟକତା ରହିଛି। କିନ୍ତୁ ଓଡ଼ିଆ ଭାଷାରେ ତାହା ବୁଝିବା ସହଜ ହୋଇଥାଏ। ଓଡ଼ିଆ ଭାଷାରେ ଅଧିକାଂଶ ଶବ୍ଦ ଜାଣିବା ପରେ ଇଂଲିଶ ଭାଷା ସହ ତୁଳନାକରି ଶିକ୍ଷା ଦେଲେ ପିଲାମାନଙ୍କୁ ଗ୍ରହଣ କରିବା ସହଜ ହୋଇଥାଏ। ବର୍ତ୍ତମାନ ପରିସ୍ଥିତିରେ ପ୍ରତିଯୋଗିତାରେ ଆଗକୁ ଆସିବା ପାଇଁ ଇଂରାଜୀ ଭାଷାରେ ଦକ୍ଷ ହେବା ଆବଶ୍ୟକ, ଯାହା ଭବିଷ୍ୟତରେ ପିଲାମାନଙ୍କୁ ସାହାଯ୍ୟ କରିବ। ଇଂଲିଶ ଲାଙ୍ଗୁଏଜ୍ ସ୍କିଲ୍ ବଢ଼ାଇବା ପାଇଁ ପରିବାର ଓ ସ୍କୁଲରେ ଇଂଲିଶ ଭାଷାରେ ସାଙ୍ଗମାନଙ୍କ ସହ କଥାବାର୍ତ୍ତା କରନ୍ତୁ। ଏଥିସହ ଇଂଲିଶ ନ୍ୟୁଜ୍ ଏବଂ ଖବରକାଗଜ, ପତ୍ରିକା, ଗପବହି ପଢ଼ନ୍ତୁ। ପ୍ରତିଦିନ ଇଂଲିଶରେ ଗୋଟିଏ ପାରାଗ୍ରାଫ୍ ଲେଖନ୍ତୁ। ଇଂଲିଶରେ ହେଉଥିବା ଗ୍ରୁପ୍ ଡିସ୍କସନରେ ଭାଗ ନିଅନ୍ତୁ ଯାହା ତୁମର ଆତ୍ମବିଶ୍ୱାସ ବୃଦ୍ଧି କରିବ। ଘରେ ମିରର୍ ସାମ୍ନାରେ ଇଂଲିଶ କହିବା ଅଭ୍ୟାସ କରନ୍ତୁ।


**–ଯୋଗେଶ ଚନ୍ଦ୍ର ନାୟକ,** ଶିକ୍ଷକ, ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ








୧




୨



୩




୭




୪



୫




୬



୮

୧



ଅନନ୍ୟା ପରିଡା
କ୍ଲାସ୍-୨,
ଓଡି ଏମ୍ ପବ୍ଲିକ ସ୍କୁଲ,
ଭୁବନେଶ୍ୱର

୨

ପରାଗ ସାଇ କର
କ୍ଲାସ୍- ୫,
ମଦର୍ସ ପବ୍ଲିକ ସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର



୩



ଦେବାଂଶୁ ଆଚାର୍ଯ୍ୟ
କ୍ଲାସ୍- ୩,
ବିବିଆଇଟି ପବ୍ଲିକ ସ୍କୁଲ,
ବୁଗିବୁଗି, କୋଲକାତା

୪

ତ୍ରିଶା ମିଶ୍ର
କ୍ଲାସ୍- ୩,
ଡିଏଭି ପବ୍ଲିକ ସ୍କୁଲ,
ରାଜାବଗିଚା, କଟକ



୫



ପ୍ରତୀକ ଅଦାବର
କ୍ଲାସ୍- ୨,
ସରସ୍ୱତୀ ଶିଶୁ ମନ୍ଦିର,
ବୀରମହାରାଜପୁର,
ସୁବର୍ଣ୍ଣପୁର

୬

ପୀୟୂଷ କୁମାର ହୋତା
କ୍ଲାସ୍- ୮,
ସରସ୍ୱତୀ ଶିଶୁ ମନ୍ଦିର,
ସାକ୍ଷୀଗୋପାଳ, ପୁରୀ



୭



ଅନନ୍ୟା ରୁପାଲୀ ତ୍ରିପାଠୀ
କ୍ଲାସ୍-୮,
ସରକାରୀ ଉଚ୍ଚ ମାଧ୍ୟମିକ
ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ,
ମାଲକାନଗିରି

୮

ମନମୋହନ ଛିଞ୍ଚାଣି
କ୍ଲାସ୍- ୭,
ସରକାରୀ ଉଚ୍ଚ ମାଧ୍ୟମିକ
ବିଦ୍ୟାଳୟ, ରାମଗିରି,
ଗଜପତି



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ହଣ୍ଟେଡ୍ ଡଲ୍ ଆଇଲାଣ୍ଡ

ପିଲାମାନେ, ଆନାବେଲା ହଣ୍ଟେଡ୍ ଡଲ୍‌କୁ ଟିଭି ସ୍କ୍ରିନ୍‌ରେ ଦେଖିଲେ ବହୁତ ଡରଲାଗେ। ମାତ୍ର ଜାଣି ଆଶ୍ଚର୍ଯ୍ୟ ହେବ ଏପରି ଏକ ରହସ୍ୟମୟ ଦ୍ୱୀପ ଅଛି, ଯେଉଁଠି ଗୋଟିଏ ନୁହେଁ ହଜାର ହଜାର ହଣ୍ଟେଡ ଡଲ୍ ଅଛି। ମେକ୍ସିକୋ ସହରର ଜୋଚିମିଲକୋ ଦ୍ୱୀପ, ଯାହା ଭୂତିଆ କଣ୍ଢେଇ ଦ୍ୱୀପ ଭାବେ ପରିଚିତ। ଏଠାରେ କୌଣସି ମଣିଷ ବସବାସ କରନ୍ତି ନାହିଁ। କେବଳ କଣ୍ଢେଇଗୁଡ଼ିକ ଘରର କାନ୍ଥ, ଛାତ, ଗଛ ଏବଂ ଡଙ୍ଗାରେ ଝୁଲିଥାନ୍ତି। ଦେଖିବାକୁ ବି ସେମାନେ ଭାରି ଭୟାନକ। କୁହାଯାଏ କି ପୂର୍ବରୁ ସେହି ଦ୍ୱୀପରେ ଡନ୍ ଜୁଲିଆନ ନାମକ ଏକ ବ୍ୟକ୍ତି ରହୁଥିଲେ। ସେ ସବୁବେଳେ ଗୋଟିଏ ଛୋଟ ଝିଅ କାନ୍ଦି କାନ୍ଦି ନିଜ କଣ୍ଢେଇ ମାଗୁଥିବାର ଶବ୍ଦ ଶୁଣିବାକୁ ପାଇଲେ। ପରେ ସେହି ଝିଅଟି ପାଇଁ ସେ ସବୁ ସ୍ଥାନରେ କଣ୍ଢେଇ ଟାଙ୍ଗିବାକୁ ଲାଗିଲେ। କିନ୍ତୁ ସେ ଟାଙ୍ଗୁଥିବା କଣ୍ଢେଇଗୁଡ଼ିକର ଶରୀରର ଅଧା ଅଙ୍ଗ ନ ଥିଲା। ସେହି ଭୟାନକ କଣ୍ଢେଇଗୁଡିକ ବର୍ଷା ପବନ ବାଜି ଆହୁରି ଭୂତିଆ ଦେଖାଯାଉଥିଲା। ଡନ୍ ଜୁଲିଆନଙ୍କ ମୃତ୍ୟୁ ୨୦୦୧ ମସିହାରେ ହୋଇଥିଲା। ସେ ପର୍ଯ୍ୟନ୍ତ ଦୀର୍ଘ ୫୦ବର୍ଷ ଧରି ସେହି ଦ୍ୱୀପରେ ସେ କଣ୍ଢେଇ ସଂଗ୍ରହ କରିଥିଲେ। ତେଣୁ ଏହି ସ୍ଥାନଟି ବିଶ୍ୱର ସର୍ବବୃହତ୍ ହଣ୍ଟଡ୍ ଡଲ୍ ସଂଗ୍ରହାଳୟ ଭାବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।

## ଏଥରର

- ଓଡ଼ିଶା କେବେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା ?
- ପାଇକ ବିଦ୍ରୋହ କେବେ ହୋଇଥିଲା ?
- କୋରାପୁଟର କେଉଁ ଆଦିବାସୀ ନେତା ଇଂରେଜ ସରକାରଙ୍କ ବିରୋଧରେ ଲଢ଼େଇ କରି ଶହୀଦ ହୋଇଥିଲେ ?
- ଉତ୍କଳ ସମ୍ମିଳନୀ କିଏ ପ୍ରତିଷ୍ଠା କରିଥିଲେ ?
- ଓଡ଼ିଶାର କେଉଁ ସ୍ଥାନରେ ଲବଣ ସତ୍ୟାଗ୍ରହ ହୋଇଥିଲା ?

## ଗତଥରର

- ମିଲଖା ସିଂ
- ୨୦୧୨
- ୨୨ଟି
- ଆର୍ଯ୍ୟଭଟ୍ଟ
- ରାଜା ହରିଶ୍ଚନ୍ଦ୍ର





## ଉତ୍କଳ ଦିବସ

ଉତ୍କଳ ଦିବସ ଆଜି
ଶୁଭୁଛି ଆତସବାଜି
ଉତ୍କଳ ମାଆର ଜନମ ଦିନରେ
ଆସ ଯିବା ଆମେ ମଜ୍ଜି।
ଏପ୍ରିଲ୍ ଏକ ତାରିଖ
ଦେଇଥିଲା ସ୍ୱର୍ଗ ସୁଖ
ଆମ ରାଜ୍ୟ ହୋଇ ସ୍ୱତନ୍ତ୍ର ପ୍ରଦେଶ
ରଖିଥିଲା ଦେଶେ ଟେକ।
ମଧୁ ଗୋପବନ୍ଧୁ ଆଦି
ଯୋଗ୍ୟ ବୀରପୁତ୍ର ସାଜି
ଓଡ଼ିଶା ପ୍ରଦେଶ କରିଲେ ଗଠନ
ନିଜକୁ ଲଗାଇ ବାଜି।
ଆଜି ଏ ଶୁଭ ଦିବସେ
ଗାଇବା ଆସ ହରଷେ
ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ
ଶୁଭୁଥିବ ସାରା ଦେଶେ।
ଆଜିର ଖୁସି ମୁହୂର୍ତ୍ତେ
ବାନ୍ଧି ହୋଇ ଏକ ମନ୍ତ୍ରେ
ଆମ ଭାଷା ଓ ଆମ ସାହିତ୍ୟକୁ
ବଢ଼ାଇବା ବିନା ସର୍ତ୍ତେ।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା,ଜଗତସିଂହପୁର
ମୋ: ୭୩୫୫୬୭୩୪୩୪୬




## ଭଗ୍ନାଂଶ

ଜେଜେ ଡାକିଲେ ନାତି ନାତୁଣୀ
ଦୁହେଁ ପାଖକୁ ଆସ,
ନିଜ ଭିତରେ ନକର କଳି
ଧୀର ସ୍ଥିରରେ ବସ।
ଶୁଣ କହୁଛି ତୁମକୁ ଏବେ
ଛୋଟ କାହାଣୀଟିଏ,
ପିଣ୍ଟୁ ଓ ପିଙ୍କି ଭାଇ ଭଉଣୀ
ଭଲ ପଢ଼ନ୍ତି ସିଏ।
ଦିନେ ପିଙ୍କିର ଜନମ ଦିନ
ସଜ୍ଜା ହୋଇଲା ଘର,
ପିଣ୍ଟୁ ପିଙ୍କିକୁ ପିଠାଟେ ନେଇ
ଦେଲା ସେ ଉପହାର।
ପୂରା ପିଠାକୁ ପିଙ୍କି ସମାନ
ଫାଳ ଫାଳ ସେ କଲା,
ପ୍ରତିଟି ଭଗ୍ନ ଅଂଶଗୁଡ଼ିକୁ
ସାଙ୍ଗ ସାଥୀଙ୍କୁ ଦେଲା।
ଏହାକୁ ଦେଖି ପିଙ୍କିର ବାପା
କହିଲେ କରି ଗେଲ,
ଭଗ୍ନାଂଶ ପାଠ ଏପରା ପିଙ୍କି
ମନରୁ କେବେ ନ ଭୁଲ।

**– କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ: ୭୮୭୩୫୧୦୦୨୭

## ଆହା କି ସୁନ୍ଦର


ଆହା କି ସୁନ୍ଦର ଲାଗେ
ସୁନେଲି ସୂରୁଯ
ନୀଳ ଆକାଶେ ଦେଖିଲେ
ଇନ୍ଦ୍ରଧନୁ ମୁରୁଜ।
ଆହା କି ସୁନ୍ଦର ଲାଗେ
ପାହାଡ଼ି ଝରଣା
ରାତ୍ରିର ଆକାଶେ ହସେ
ଜହ୍ନର ଜୋଛନା।
ଭଲ ଲାଗେ କୁହୁ କୁହୁ
କୋଇଲିର ସ୍ୱର
ଫୁଲେ ଫୁଲେ ଗୁଣୁ ଗୁଣୁ
କରଇ ଭ୍ରମର।
ଆହା କି ସୁନ୍ଦର ଲାଗେ
ଶିଶୁ ଓଠେ ହସ



ସବୁଜ ଏ ତରୁଲତା
ବନ ଗିରି ବାସ।

**– ପ୍ରତିଭା ସାହୁ**
ବଇଣ୍ଡା, ହାଇସ୍କୁଲ ରୋଡ୍, ଅନୁଗୋଳ
ମୋ: ୭୦୦୮୨୩୬୯୯୧

## କହିଲ ଦେଖି



ଭାଷାଭିତ୍ତିକ ରାଜ୍ୟ ଭାବରେ
ପ୍ରଥମ ସିଏ ଥିଲା
ଛଅଟି ଜିଲା ଏକାଠି ହୋଇ
ରାଜ୍ୟ ଗଠନ ହେଲା
ଭାଇ ଭଉଣୀ ମୋର
ନାଆଁଟି କୁହ ତାର !

**ଉତ୍ତର : ଓଡ଼ିଶା ପ୍ରଦେଶ**




ଏପ୍ରିଲ ମାସ ଏକ ତାରିଖ
ମନେରଖିବା ପାଇଁ
କେଉଁ ଦିବସ ପାଳନ ହୁଏ
ସାରା ଓଡ଼ିଶା ଭୂଇଁ !

**ଉତ୍ତର : ଉତ୍କଳ ଦିବସ**



ଆମ ଓଡ଼ିଶାର ପ୍ରାଣ ଠାକୁର
ବିଶ୍ୱରେ ପ୍ରସିଦ୍ଧ ରଥ ତାଙ୍କର
କଳା ରଙ୍ଗ ଦେହ ଯାର
ଭାଇଭଉଣୀଙ୍କୁ ସାଥିରେ ନେଇକି
ଯାଆନ୍ତି ମାଉସୀଘର
ନାଆଁଟି କୁହ
ଆନନ୍ଦ ବଜାର ଅବଢ଼ା ପାଅ !

**ଉତ୍ତର : ଜଗନ୍ନାଥ**

**– ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

ଜଣା ଅଜଣା



# କୁମ୍ଭୀର ଚାଷ

କୁମ୍ଭୀର ଦେଖିବାକୁ ଭୟଙ୍କର। ହେଲେ ଏହାର ରକ୍ତ, ପିତ୍ତକୁ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ଏହାବ୍ୟତୀତ ଏହି ଜୀବର ଚର୍ମକୁ ନେଇ ବ୍ୟାଗ୍ ଆଦି ପ୍ରସ୍ତୁତ କରାଯାଏ। ଏସବୁକୁ ଲକ୍ଷ୍ୟ ରଖି ଥାଇଲାଣ୍ଡରେ କୁମ୍ଭୀର ଚାଷକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଏହି ଦେଶରେ ପାଖାପାଖି ୧୦୦୦ଟି କୁମ୍ଭୀର ଫାର୍ମ ରହିଛି ଏବଂ ସେଥିରେ ପ୍ରାୟ ୧୨ ଲକ୍ଷ କୁମ୍ଭୀରଙ୍କୁ ରଖାଯାଇଛି। କୁମ୍ଭୀର ଛୁଆ ବଡ଼ ହେବା ପରେ ସେଗୁଡ଼ିକୁ କାଟି ତାହାର ମାଂସ, ଚର୍ମ, ରକ୍ତ, ପିତ୍ତ ଆଦିକୁ ବିଭିନ୍ନ କାମରେ ଲଗାଯାଏ। ଏଠାରେ କୁମ୍ଭୀର ଫାର୍ମ ଦେଖିବାକୁ ଅନେକ ପର୍ଯ୍ୟଟକ ଆସିଥାଆନ୍ତି। ଥାଇଲାଣ୍ଡରେ ସାମୁତ୍ ପ୍ରକାରନ୍ ଫାର୍ମ ବିଶ୍ୱର ସବୁଠାରୁ ବଡ଼ କ୍ରୋକୋଡାଇଲ ଫାର୍ମ , ଯାହା ଗତ ୩୫ ବର୍ଷ ଧରି ଚାଲିଆସୁଛି। ଥାଇଲାଣ୍ଡରେ କୁମ୍ଭୀର ରକ୍ତର ମୂଲ୍ୟ ଲିଟର ପ୍ରତି ୧୦୦୦ ଟଙ୍କା ଏବଂ ପିତ୍ତର ମୂଲ୍ୟ ୭୬,୦୦୦ଟଙ୍କା। ଅନ୍ୟପକ୍ଷରେ ଏହାର ମାଂସକୁ କି.ଗ୍ରା. ପ୍ରତି ୫୭୦ ଟଙ୍କାରେ ବିକ୍ରି କରାଯାଇଥାଏ। କୁମ୍ଭୀର ଚର୍ମରେ ହ୍ୟାଣ୍ଡ ବ୍ୟାଗ୍, ଲେଦର ସୁଟ୍ସ ଓ ବେଲ୍ଟ ଆଦି ପ୍ରସ୍ତୁତ କରାଯାଏ। ଏହାର ଚର୍ମରେ ପ୍ରସ୍ତୁତ ବ୍ୟାଗ୍ ମୂଲ୍ୟ ପାଖାପାଖି ୧.୫ ଲକ୍ଷ ହୋଇଥାଏ।





# ଜହ୍ନ ପାଖରେ ତାରା

ମୁନା ସେଦିନ ବାପାଙ୍କ ସାଙ୍ଗରେ ସନ୍ଧ୍ୟା ଭ୍ରମଣରେ ଯାଇଥିଲା। ସେ ପଶ୍ଚିମ ଆକାଶରେ ହଠାତ୍ ଏକ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ତା'ପରେ ସେ ବାପାଙ୍କୁ ପଚାରିଲା, ''ବାପା, ଆକାଶରେ ଜହ୍ନର ଅତି ପାଖରେ ଏକ ଉଜ୍ଜ୍ୱଳ ତାରା ଦେଖାଯାଉଛି। ଏହା କ'ଣ ଜହ୍ନ ସହିତ ଧକ୍କା ହୋଇଯିବ?'' ବାପା ହସିହସି କହିଲେ, ''ନାଇଁରେ ବୋକା, ମୁଁ ବୁଝାଇ କହୁଛି ଶୁଣ। ତାହା ପ୍ରକୃତରେ ଏକ ତାରା ନୁହେଁ; ଆମ ସୌରଜଗତର ଏକ ଗ୍ରହ ଶୁକ୍ର। ଶୁକ୍ର ରାତି ଆକାଶର ସବୁଠାରୁ ଉଜ୍ଜ୍ୱଳ ଗ୍ରହ। ସୁତରାଂ ଆକାଶରେ ଦୁଇ ଉଜ୍ଜ୍ୱଳ ବସ୍ତୁ ଚନ୍ଦ୍ର ଓ ଶୁକ୍ର ଏକାଠି ଅବସ୍ଥାନ କରୁଥିବାରୁ ଏହା ଏକ ବିରଳ ଓ ଦର୍ଶନୀୟ ଦୃଶ୍ୟ ସୃଷ୍ଟି କରୁଛି। ଦୂରକୁ ତ ଦେଖାଯାଉଛି, ଏ ଦୁହେଁ ଯେପରି ପାଖାପାଖି ଅଛନ୍ତି, ମାତ୍ର ଏ ଦୁହେଁ ଆମଠାରୁ ଯଥେଷ୍ଟ ଦୂରତାରେ ଛାଡି ଛାଡି ଅଛନ୍ତି। ତେଣୁ ଏ ଦୁହିଁଙ୍କ ମଧ୍ୟରେ ଧକ୍କା ହେବା ଅସମ୍ଭବ'', ବାପା ବୁଝାଇ ଦେଲେ।


ମୁନା ପୁଣି ପଚାରିଲା, 'ଏ ଦୁହେଁ, ଆହୁରି ପାଖାପାଖି ଆସି ପରସ୍ପର ସହିତ ମିଶିଗଲେ କ'ଣ ହେବ?'

ବାପା କହିଲେ, ''ଭଲ ପ୍ରଶ୍ନ ପଚାରିଲୁ, ବୁଝାଇ କହୁଛି ଶୁଣ। ପ୍ରକୃତରେ ଚନ୍ଦ୍ର ଶୁକ୍ରଠାରୁ ନିକଟରେ ଥିବାରୁ ଆକାଶମାର୍ଗରେ ନିଜ କକ୍ଷପଥରେ ଚନ୍ଦ୍ରର ବେଗ ଅପେକ୍ଷାକୃତ ବେଶି। ତେଣୁ ସମୟକ୍ରମେ ଚନ୍ଦ୍ର ଶୁକ୍ରକୁ ଅତିକ୍ରମ କରି ନିଜର ବିମ୍ବଦ୍ୱାରା ଶୁକ୍ରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇପାରେ । ଫଳରେ ଶୁକ୍ର କିଛି ସମୟ ପାଇଁ ଆମ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯାଏ ଓ 'ଗ୍ରହଣ' କିମ୍ବା 'ପରାଗ' ଭଳି ଏକ ପରିସ୍ଥିତି ସୃଷ୍ଟି ହୁଏ। ମାତ୍ର ଏହାକୁ ଆମେ ସାଧାରଣତଃ 'ଗ୍ରହଣ' ନ କହି 'ପ୍ରଚ୍ଛାଦନ' ବୋଲି କହିଥାଉ।''

ମୁନା ପୁଣି ପଚାରିଲା, ''ବାପା, ଏହାକୁ ଗ୍ରହଣ କିମ୍ବା ପରାଗ ନ କହି 'ପ୍ରଚ୍ଛାଦନ' କାହିଁକି କୁହାଯାଏ?''

ବାପା କହିଲେ, ''ଭଲ ପ୍ରଶ୍ନଟିଏ ପଚାରିଲୁ, କହୁଛି ଶୁଣ। ଏକ ଗ୍ରହଣ କିମ୍ବା ପରାଗରେ

''ପ୍ରକୃତରେ ଚନ୍ଦ୍ର ଶୁକ୍ରଠାରୁ ନିକଟରେ ଥିବାରୁ ଆକାଶମାର୍ଗରେ ନିଜ କକ୍ଷପଥରେ ଚନ୍ଦ୍ରର ବେଗ ଅପେକ୍ଷାକୃତ ବେଶି। ତେଣୁ ସମୟକ୍ରମେ ଚନ୍ଦ୍ର ଶୁକ୍ରକୁ ଅତିକ୍ରମ କରି ନିଜର ବିମ୍ବଦ୍ୱାରା ଶୁକ୍ରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇପାରେ । ଫଳରେ ଶୁକ୍ର କିଛି ସମୟ ପାଇଁ ଆମ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯାଏ ଓ 'ଗ୍ରହଣ' କିମ୍ବା 'ପରାଗ' ଭଳି ଏକ ପରିସ୍ଥିତି ସୃଷ୍ଟି ହୁଏ।''



ଛାଦ୍ୟ ଓ ଛାଦକ ବସ୍ତୁ ଦ୍ୱୟର ଆକାର ସମାନ ହୋଇଥାଏ। ଏକ ସୂର୍ଯ୍ୟୋପରାଗରେ ଛାଦ୍ୟ ବସ୍ତୁ ହେଲା ସୂର୍ଯ୍ୟ ଏବଂ ଛାଦକ ବସ୍ତୁ ହେଲା ଚନ୍ଦ୍ର। ଏ ଦୁହିଁଙ୍କର ପୃଥିବୀୟ ଦୃଷ୍ଟିରେ ଦୃଶ୍ୟମାନ ଆକାର ସମାନ ହୋଇଥିବାରୁ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗରେ ଚନ୍ଦ୍ର ସୂର୍ଯ୍ୟକୁ ପୂରା ଢାଙ୍କି ଦେଇପାରେ। ମାତ୍ର ଏ କ୍ଷେତ୍ରରେ ଶୁକ୍ରର ଆକାର ଚନ୍ଦ୍ରଠାରୁ ଯଥେଷ୍ଟ ଛୋଟ। ପୁଣି, ଏଠାରେ ଛାଦ୍ୟ ବସ୍ତୁ ହେଲା ଶୁକ୍ର ଓ ଛାଦକ ବସ୍ତୁ ହେଲା ଚନ୍ଦ୍ର। ତେଣୁ ଏଠାରେ ଏକ ବଡ ବସ୍ତୁ ଛୋଟ ବସ୍ତୁକୁ ଢାଙ୍କିଦିଏ। ତେଣୁ ଏଭଳି ପରିସ୍ଥିତିକୁ ଗ୍ରହଣ କିମ୍ବା ପରାଗ ନ କହି 'ପ୍ରଚ୍ଛାଦନ' କହନ୍ତି। ଇଂରାଜୀରେ ଏହାର ନାମ 'ଅକଲ୍ଟେସନ'। ଏଇ ଦେଖ 'ପ୍ରଚ୍ଛାଦନ' ଆରମ୍ଭ ହୋଇଗଲା।''

ବାପାଙ୍କ କଥାରେ ମୁନା ତଟସ୍ଥ ହୋଇ ଆକାଶକୁ ଦେଖିଲା। ସେ ଦେଖିଲା, ପୂର୍ବ ସ୍ଥାନରେ ଖାଲି ଚନ୍ଦ୍ର ହିଁ ଦେଖାଯାଉଛି, ଶୁକ୍ର ଆଉ ନାହିଁ। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ବାପା, ଆକାଶରୁ ଶୁକ୍ର କୁଆଡେ ଗଲା? ତା' କ'ଣ ଅଦୃଶ୍ୟ ହୋଇଗଲା କି?''

''ନାହିଁରେ ବୋକା ସେପରି ନୁହେଁ। ପ୍ରକୃତରେ 'ପ୍ରଚ୍ଛାଦନ' ଆରମ୍ଭ ହୋଇ ଯାଇଥିବାରୁ ଶୁକ୍ର ଏବେ ଚନ୍ଦ୍ର ପଛପଟକୁ ଚାଲିଯାଇଛି, ଅର୍ଥାତ୍ ଚନ୍ଦ୍ର ଶୁକ୍ରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇଛି। ସେଥିପାଇଁ ଶୁକ୍ର ଆଉ ଦେଖାଯାଉ ନାହିଁ। ତୁ ଦେଖିବୁ, କିଛି ସମୟ ପରେ 'ପ୍ରଚ୍ଛାଦନ' ସରିଗଲେ ଶୁକ୍ର ପୁଣି ଚନ୍ଦ୍ର ପଛ ପଟୁ ବାହାରି ପଡିବ।'' ବାପା ବୁଝାଇ କହିଲେ।

ବାପାଙ୍କ ଉତ୍ତରରେ ମୁନା ପରତେ ନ ଯାଇ କିଛି ସମୟ ପରେ ଆକାଶକୁ ଚାହିଁଲା। ସେତେବେଳକୁ ସତକୁ ସତ ଶୁକ୍ର ଚନ୍ଦ୍ର ପଛପଟୁ ବାହାରି ଆକାଶରେ ସ୍ପଷ୍ଟ ଦୃଶ୍ୟ ହେଉଥାଏ। ମୁନା ଏଥର ଜହ୍ନ ପାଖରେ ତାରା ଓ 'ପ୍ରଚ୍ଛାଦନ' ପଛରେ ଥିବା ଅସଲ ବୈଜ୍ଞାନିକ କାରଣ ବୁଝି ପାରିଥିଲା।

ତେଣୁ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସି ଥିଲା ସେଦିନ।

**–ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଦ୍ରୁତତମ ଟ୍ରେନ୍

ଆଜିକାଲି ବିଭିନ୍ନ ନୂଆ ମଡେଲର ଟ୍ରେନ କେତେକ ଦେଶରେ ଚାଲୁଛି। ଏହାର ଗତିକୁ ଲକ୍ଷ୍ୟ କରି ଏହିସବୁ ଟ୍ରେନ୍‌ର ନାମକରଣ ମଧ୍ୟ କରାଯାଉଛି। ପୃଥିବୀର ସବୁଠାରୁ ଦ୍ରୁତତମ ଟ୍ରେନ୍ ଚାଇନାରେ ଦେଖିବାକୁ ମିଳିଥାଏ। ସାଧାରଣତଃ ଟ୍ରେନ୍ ଲୁହା ଧାରଣାରେ ଚାଲେ। ହେଲେ ଚାଇନାରେ ଚାଲୁଥିବା ଦ୍ରୁତତମ ଟ୍ରେନ୍‌ର ଗତି ଏତେ ଦ୍ରୁତ ଯେ ଟ୍ରେନ୍‌ଲାଇନ୍ ଉପରେ ଭାସମାନ ଅବସ୍ଥାରେ ଯାଇଥାଏ। ଏହି ଟ୍ରେନ୍‌ର ନାମ ହେଉଛି 'ଶାଙ୍ଘାଇ–ମ୍ୟାଗଲେଭ ଟ୍ରେନ୍', ଯାହା ଶାଙ୍ଘାଇର ପୁଡେଗ ଏୟାରପୋର୍ଟରୁ ଲଙ୍ଗୟାର୍ଡ ଷ୍ଟେଶନକୁ ସଂଲଗ୍ନ ହୋଇ ରହିଛି। ଏହାର ବେଗ ଘଣ୍ଟା ପ୍ରତି ୪୬୦ କି.ମି। ଉକ୍ତ ଟ୍ରେନ୍ ନିଜର ନିର୍ଦ୍ଦିଷ୍ଟ ଦୂରତା ୭୦୦ କି.ମିକୁ ମାତ୍ର ଦେଢ଼ ଘଣ୍ଟାରେ ଅତିକ୍ରମ କରିଥାଏ। ଏହାର ଚକ ଲୁହା ନୁହେଁ ମ୍ୟାଗ୍ନେଟିକ୍ ଲେବିଟେଶନ୍‌ରେ ପ୍ରସ୍ତୁତ କରାଯାଇଛି। ତେଣୁ ଦ୍ରୁତ ଗତିରେ ଯିବା ସମୟରେ ଏଥିରୁ କୌଣସି ଶବ୍ଦ ବାହାରି ନ ଥାଏ। ଏହି ଦ୍ରୁତତମ ଟ୍ରେନ୍‌ର ଲମ୍ବ ୧୫୩ ମି. ଏବଂ ଚଉଡ଼ା ୩.୭ ମିଟର। ଏଥିରେ ଥିବା ତିନୋଟି ବଗି–ଫାଷ୍ଟ କ୍ଲାସ୍, ସେକେଣ୍ଡ କ୍ଲାସ୍ ଏବଂ ଏଣ୍ଡ ସେକ୍ସନରେ ମୋଟ ୫୭୪ ଯାତ୍ରୀ ଏକାଥରେ ଆରାମରେ ଯାତ୍ରା କରିପାରିବେ। ଏଥିରେ ଯାତ୍ରା କରିବା ପାଇଁ ଯାତ୍ରା ତାରିଖର ବେଶ୍ କିଛି ଦିନ ପୂର୍ବରୁ ସିଟ୍ ବୁକିଂ କରିବାକୁ ପଡ଼ିଥାଏ। ଏହି ଟ୍ରେନର ମଜା ନେବାକୁ ବାହାର ଦେଶର ଲୋକ ମଧ୍ୟ ଏଠାକୁ ଆସିଥାନ୍ତି।



# ଆ ଇ ନା



ଆୟୁଷୀ ପୂର୍ଣ୍ଣଭୀ
୬ବର୍ଷ, ଭୁବନେଶ୍ୱର



ସୁପ୍ରୀତି ସାହୁ
୮ ବର୍ଷ, କଟକ